## ସଂକ୍ଷେପରେ

### ଖଣି ଲିଜ୍ ଟେଣ୍ଡର ପ୍ରକ୍ରିୟା ଦୁର୍ନୀତିର ଖୋଲତାଡ ଆରମ୍ଭ

ମାଲକାନଗିରି, ୧୭।୯(ଡି.ଏନ୍.ଏ./ସ୍ୱ.ପ୍ର.)- ଗତବର୍ଷ ୨୦୨୧ ମାର୍ଚ୍ଚ ୨୩ରେ ମାଲକାନଗିରି ଜିଲାରେ ବିଭିନ୍ନ ଖଣି ଲିଜ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡରରେ ଦୁର୍ନୀତି ହୋଇଥିବା ଠିକାଦାରମାନେ ଅଭିଯୋଗ କରିଥିଲେ। ଏହି ଦୁର୍ନୀତିରେ ତତ୍କାଳୀନ ଜିଲାପାଳ ୟେଦୁଲା ବିଜୟ ସମ୍ପୃକ୍ତ ଠିକାଦାରମାନେ ଅଭିଯୋଗରେ ପ୍ରକାଶ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଆଇନଜୀବୀ ନୃସିଂହ ଚରଣ ମହାନ୍ତି ଏନେଇ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଏବଂ ରାଜ୍ୟ ସରକାରଙ୍କୁ ଅବଗତ କରାଇଥିଲେ। ବର୍ତ୍ତମାନର ଜିଲାପାଳ ବିଶାଳ ସିଂ ସେହି ସମୟର ଟେଣ୍ଡରକୁ ବାତିଲ କରି ପୁନର୍ବାର ଟେଣ୍ଡର କରିଥିଲେ। ଫଳରେ ଶନିବାର କଟକରୁ ଦୁର୍ନୀତୀ ନିବାରଣ ଅଧିକାରୀମାନେ ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟରେ ସେହି ସମୟର ଟେଣ୍ଡର ପ୍ରକ୍ରିୟା ସମ୍ପର୍କିତ ନଥିପତ୍ର ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛନ୍ତି।

### ରାଷ୍ଟ୍ରୀୟ ବେରୋଜଗାର ଦିବସ ପକୋଡି ଛାଣି କଂଗ୍ରେସର ପ୍ରତିବାଦ

କୋରାପୁଟ,୧୭।୯(ସ୍ୱ.ପ୍ର.)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିନରେ ପକୋଡି ଛାଣି ପ୍ରତିବାଦ କରି ଯୁବ କଂଗ୍ରେସ ଶନିବାର ରାଷ୍ଟ୍ରୀୟ ବେରୋଜଗାର ଦିବସ ପାଳନ କରିଛି। ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ଯୁବ କଂଗ୍ରେସ ନେତାମାନଙ୍କ ସହ ପକୋଡି ଛାଣୁଥିବା ଦେଖିବାକୁ ମିଳିଥିଲା। ଜୟପୁର ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତିଙ୍କୁ ସେ ପକୋଡି ବିକ୍ରି କରିଥିଲେ। ସେହିପରି କୋରାପୁଟସ୍ଥିତ ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟ ସମ୍ମୁଖରେ କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀ ଯୁବ ସଭାପତି ଟୋନେଜ କୁଲଦୀପଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନେତା ଓ କର୍ମୀମାନେ ପକୋଡି ଓ ଚା' ତିଆରି କରି ବିକ୍ରି କରିଥିଲେ। ଜିଲା ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ଜିଲା ପ୍ରଭାରୀ ରାକେଶ ସାହୁ, ରାଜ୍ୟ ସମ୍ପାଦକ ରମେଶ ଖରା, ବରିଷ୍ଠ ନେତା କୃଷ୍ଣ କୁଲଦୀପ, ରମେଶ ବାଖ୍ୟା, ଜଗଦୀଶ ଖୋସ୍ଲା, ପ୍ରମୋଦ ନାଗ, ଜିଲା ପରିଷଦ ସଦସ୍ୟ ମିହିର କୁଲଦୀପଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

### ଏୟାରପୋର୍ଟ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ, ବିଧାୟକ

ଜୟପୁର, ୧୭।୯ (ନି.ପ୍ର.)- ଜୟପୁର ଏୟାରପୋର୍ଟରେ ପହଞ୍ଚି ଶନିବାର କୋରାପୁଟ ଜିଲାପାଳ ଅବଦୁଲ ମହମ୍ମଦ ଆକ୍ତର ଓ ବିଧାୟକ ତାରା ପ୍ରସାଦ ବାହିନୀପତି କାର୍ଯ୍ୟ ସମୀକ୍ଷା କରିଛନ୍ତି। ସମୀକ୍ଷା ସମୟରେ ବର୍ତ୍ତମାନ ଜମି ଅଧିଗ୍ରହଣ ସ୍ଥିତି କଣ ରହିଛି। ବିମାନ ଚଳଚଳରେ କଣ ଅସୁବିଧା ରହିଛି ଉଭୟେ ତାହାର ସମୀକ୍ଷା କରିଥିଲେ। ସୂଚନାଯୋଗ୍ୟ, ଏବେ ପ୍ରତ୍ୟେକ ଦିନ ବିମାନ ପରୀକ୍ଷାମୂଳକ ଭାବେ ଜୟପୁର-ଭୁବନେଶ୍ୱର ଓ ଜୟପୁର-ବିଶାଖାପାଟଣା ଚଳାଚଳ କରୁଛି।

### ଚାଳକ ଦିବସ ପାଳିତ

ଦଶମନ୍ତପୁର, ୧୭।୯(ଡି.ଏନ.ଏ.)-ସଦର ଭାଲିଆବାଡ଼ି ସ୍ଥିତ ଗାଡ଼ି ଚାଳକ ସଂଘ କାର୍ଯ୍ୟାଳୟଠାରେ ଶନିବାର ଚାଳକ ଦିବସ ପାଳିତ ହୋଇଛି। ସଂଘ ସଭାପତି କଇନ ଗରଡ଼ା ସଭାପତିତ୍ୱ କରିଥିଲେ। ଅଭିରାମ ବାଣୁଆ ପରିଚାଳନା କରିଥିଲେ। ଦେଶର ସୁରକ୍ଷା କ୍ଷେତ୍ରରେ ଚାଳକମାନେ ସୈନିକ ଦାୟିତ୍ୱ ତୁଲାଉଛନ୍ତି ବୋଲି ମତ ପ୍ରକାଶ ପାଇଥିଲା।

# ଷୋଡଶ ଉପଚାର ପୂଜା ଆରମ୍ଭ

- ଜୟପୁର ଐତିହାସିକ ଦଶହରା ମହୋତ୍ସବ
- ଆଜ୍ଞାମାଳ ଗ୍ରହଣ କଲେ ବିଧାୟକ ବାହିନୀପତି

ଜୟପୁର, ୧୭।୯(ନି.ପ୍ର.)

ଜୟପୁରସ୍ଥିତ ଅଧିଷ୍ଠାତ୍ରୀ ମା' ଭଗବତୀ ମନ୍ଦିରରେ ଶନିବାରଠାରୁ ୧୬ ଦିନ ଧରି ହୋଉଥିବା ଷୋଡଷ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ଦଶହରା ମହୋତ୍ସବ ପାଇଁ ବିଧାୟକ ତାରାପ୍ରସାଦ ବାହିନିପତି ଆଜ୍ଞାମାଳ ଗ୍ରହଣ କରାଯାଇଥିଲା । ଜୟପୁର ବିଧାୟକ ତାରା ପ୍ରସାଦ ବାହନୀପତି ଆଜ୍ଞାମାଳ ଗ୍ରହଣ କରିଥିଲେ। ଅଧିଷ୍ଠାତ୍ରୀ ଦେବୀ ମା' ଦକ୍ଷିଣ କାଳିକା ମନ୍ଦିରରେ ମଧ ଷୋଡଶ ପୂଜା ଆରମ୍ଭ ହୋଇଛି । ଭଗବତୀଙ୍କ ପୀଠରୁ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଦେବୀପୀଠକୁ ଦଶହରାରେ ଯୋଗଦେବାକୁ ନିମନ୍ତ୍ରଣ କରିବା ଆରମ୍ଭ ହୋଇଛି। ଭଗବତୀଙ୍କ ମନ୍ଦିରଠାରେ ଶହସ୍ର କୁମ୍ଭାଭିଷେକ କରାଯାଇଛି। ଏକ ହଜାର ୮ ସୁବାସିତ ଜଳରେ ମାଙ୍କୁ ସ୍ନାନ କରାଯାଇଛି। ନୀତିକାନ୍ତି ପରେ ମା'ଭଗବତୀ ବିଜୟା



ବିଧାୟକ ତାରାପ୍ରସାଦ ବାହିନୀପତି ଆଜ୍ଞାମାଳ ଗ୍ରହଣ କରୁଛନ୍ତି ।

ଭ୍ରମଣରେ ବାହାରିବେ। ଷଷ୍ଠିରେ ଦକ୍ଷିଣ କାଳି ଓ ନବମୀରେ ଭଗବତୀଙ୍କ ସୁନାବେଶ କରିବା ନେଇ ସ୍ଥିର ଦେବୋତ୍ତର ଓ ପୂଜା କମିଟି ପକ୍ଷରୁ ସ୍ଥିର ହୋଇଛି। ପୂଜା ପରେ ପୂଜକ ବୀରେନ୍ଦ୍ର ରଥ ଦେବୀଙ୍କ ଆଜ୍ଞାମାଳ ପୂଜା କମିଟି ଅଧକ୍ଷ ବାହିନୀପତିଙ୍କୁ ଦେଇଥିଲେ। ପୂଜା ସମୟରେ ଦୋବେତ୍ତର ଅଧିକାରୀ ତଥା ତହସିଲଦାର ପ୍ରଧାନ ଚୁଲ୍ଲି ଆମ୍ମା, କୃଷ୍ଣଚନ୍ଦ୍ର ଦାସ ଓ ଦେବୋତ୍ତର ଅଧିକାରୀ ଉପସ୍ଥିତ ଥିଲେ। ରାଜରାଜୁଡା ଅମଳରୁ ମା' ଭଗବତୀ ଓ ଦକ୍ଷିଣ କାଳିକା ମନ୍ଦିରରେ ୧୬ ଦିନ ବ୍ୟାପି ଷୋଡଶ ପୂଜା ହୋଇଆସୁଛି। ଆମାବାସ୍ୟ ପରେ ଅବିଭକ୍ତ କୋରାପୁଟ ଜିଲାର ୭୨ଟି ଦେବୀ ପୀଠ ଏବଂ ସେବାୟତଙ୍କୁ ଦଶହରା ପର୍ବରେ ଯୋଗଦେବାକୁ ନିମନ୍ତ୍ରଣ କରାଯିବ। ବିଭିନ୍ନ ଦେବୀପୀଠରୁ ଦେବୀଙ୍କ ପ୍ରତୀକ ଲାଠି, ଖଡଗ, ଛାତ୍ର, ବିମାନ ଜୟପୁରରେ ଦଶମ ତିଥିରେ ପହଞ୍ଚି ଦଶହରାରେ ସାମିଲ ହେବେ। ନବରଙ୍ଗପୁର ଜିଲାର ଉମରକୋଟ, ରାଇଘର, କୋରାପୁଟ ଜିଲାର ନନ୍ଦପୁର, ରାମଗିରି, ଜାମୁଣ୍ଡା, ପୋଡାଗଡ ପୀଠରୁ ଏହି ଲାଠିଧାରୀମାନେ ଆସିଥାନ୍ତି ।



ରାୟଗଡ଼ାସ୍ଥିତ ଧରିତ୍ରୀ କାର୍ଯ୍ୟାଳୟରେ କର୍ମଚାରୀମାନେ ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା କରିଛନ୍ତି ।

## ୨୦୨୪ ଜାନୁୟାରୀ ୧୫ରୁ ମାଲକାନଗିରି ବିମାନବନ୍ଦର ହେବ କାର୍ଯ୍ୟକ୍ଷମ

### ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୭।୯(ବ୍ୟୁରୋ)

୨୦୨୪ ଜାନୁୟାରୀ ୧୫ ସୁଦ୍ଧା ମାଲକାନଗିରି ବିମାନବନ୍ଦର କାର୍ଯ୍ୟକ୍ଷମ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏ ନେଇ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଏହି ପ୍ରକଳ୍ପର ସମୀକ୍ଷା କରି ମିଶନ ମୋଡ୍‌ରେ ଏହି ବିମାନବନ୍ଦର କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନଙ୍କୁ କହିଛନ୍ତି। ମାଲକାନଗିରି ବିମାନବନ୍ଦର ମାଓବାଦୀପ୍ରବଣ ଅଞ୍ଚଳରେ ରହିଛି। ଏହାର ନିର୍ମାଣ କାର୍ଯ୍ୟ ଶେଷ ହେଲେ ମାଓ କରିଡରକୁ ବିମାନ ସେବା ଆରମ୍ଭ ହେବ। ଏହାର ଭିତ୍ତିଭୂମି ନିର୍ମାଣ, ଲାଇସେନ୍ସିଂ ଏବଂ ବିମାନ ସେବା ଆରମ୍ଭ ଆଦି କାର୍ଯ୍ୟ ପାଇଁ ସମୟ ନିର୍ଦ୍ଧାରଣ କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏଥିପାଇଁ ୩୩ କୋଟି ଟଙ୍କାର ଟେଣ୍ଡର ଡକାଯାଇଛି। ଏହି ବିମାନ ବନ୍ଦର ୨୩୪ ଏକର ଜମିରେ ହେବ। ଏଥିପାଇଁ ୫୫ କୋଟିର ବ୍ୟୟବରାଦ କରାଯାଇଛି। ଏହି ବିମାନବନ୍ଦର ନିର୍ମାଣ ଶେଷ ହେଲେ ଭୁବନେଶ୍ୱର ସମେତ ଅନ୍ୟ ରାଜ୍ୟକୁ ସେବା ଆରମ୍ଭ ହେବ। ଏହି ପ୍ରକଳ୍ପକୁ ଶେଷ କରିବା ପାଇଁ ମାଲକାନଗିରି ଜିଲା ପ୍ରଶାସନ ମଧ ଜୋରଦାର ଉଦ୍ୟମ ଚଳାଇଛି। ନିକଟରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମାଲକାନଗିରି ଗସ୍ତ କରି ପ୍ରକଳ୍ପର ସମୀକ୍ଷା କରିଥିଲେ। ବାଣିଜ୍ୟ ଓ ପରିବହନ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ, ଜଙ୍ଗଲ ବିଭାଗ, ପୂର୍ତ୍ତ ଏବଂ ଅନ୍ୟାନ୍ୟ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରକଳ୍ପ କାର୍ଯ୍ୟକୁ ତଦାରଖ କରୁଛନ୍ତି।

## ବିଭିନ୍ନ ସ୍ଥାନରେ ଅହିଂସା ରଥକୁ ଭବ୍ୟ ସ୍ୱାଗତ

କୋରାପୁଟ/ଦାମନଯୋଡି/ଲକ୍ଷ୍ମୀପୁର, ୧୭।୯(ସ୍ୱ.ପ୍ର./ଡି.ଏନ.ଏ.)

ଅଗଷ୍ଟ ୧୫ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ରାଜ୍ୟରେ ଅହିଂସା ରଥ ପରିକ୍ରମା କରୁଛି। ଏହି ଅବସରରେ କୋରାପୁଟରେ ଅହିଂସା ରଥ ପହଞ୍ଚିବା ପରେ ଏହି ରଥକୁ ଭବ୍ୟ ସ୍ୱାଗତ କରାଯାଇଛି । ରଥକୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସପିଟାଲ ଛକଠାରେ ପୌରପରିଷଦ ଓ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ସବୁଜ ପତକା ଦେଖାଇ ସ୍ୱାଗତ କରିଥିଲେ। ସହରର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ସାଂସ୍କୃତିକ ଦଳ ବାଦ୍ୟ ଓ ନୃତ୍ୟରେ ରଥକୁ ପୁଜାରିପୁଟ, ଡିଏନେକେ ଛକ, ଭାଣ୍ଡି ସାହି, ଜଗନ୍ନାଥ ମନ୍ଦିର ଛକ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଛକଯାଏ ପାଛୋଟି ନେଇ ସହର ପରିକ୍ରମା କରିଥିଲେ । ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ପୌରାଧକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା, ଜିଲା ଯୋଜନା ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା, ଜିଲା ସଂସ୍କୃତି ଅଧିକାରୀ ପ୍ରୀତିସୁଧା ଜେନା , ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର, ଏସଡିପିଓ ମନୋଜ ପୁଜାରୀ, ଟାଉନ ଥାନା ଅଧିକାରୀ ଧୀରେନ ପଟ୍ଟନାୟକ, କୋରାପୁଟର ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଏହି ରଥକୁ ସ୍ୱାଗତ କରି ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ୪୦୦ ଫୁଟ ବିଶିଷ୍ଟ ଏକ ବିରାଟ ଜାତୀୟ ପତାକା ଛାତ୍ରୀଛାତ୍ର ମାନେ ଧରି ସହର ପରିକ୍ରମା କରିଥିଲେ। ପରେ ପୌରପରିଷଦ ଅଡିଟୋରିୟମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

ସେହିପରି ଅହିଂସା ରଥକୁ ଦାମନଯୋଡିରେ ମଧ ସାଗତ କରାଯାଇଥିଲା। ଦାମନଯୋଡିରେ ରଥ ପହଞ୍ଚିବା ପରେ ନାଲକୋ ଟାଉନସିପ ମୁଖ୍ୟ ଫାଟକ ନିକଟରୁ ମାଥାଲପୁଟ ଶହୀଦ ଲକ୍ଷ୍ମଣ ନାୟକ ଛକ ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। କୋରାପୁଟ ବ୍ଲକ ପକ୍ଷରୁ ବିଡ଼ିଓ ନରେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଏଥିପାଇଁ ସ୍ୱତନ୍ତ୍ର ଅୟୋଜନ ହୋଇଥିଲା। ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀ, ଅଙ୍ଗନୱାଡି ଓ ଆଶାକର୍ମୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ସାଧାରଣ ଜନତା ହାତରେ ତ୍ରିରଙ୍ଗା ଧରି ଅହିଂସା 'ରଥ ସ୍ୱଗତଂ' ନାରା ଦେଇ ରଥକୁ ସ୍ୱାଗତ କରିଥିଲେ। ପଟ୍ଟାଙ୍ଗୀ ବିଧାୟକ ପ୍ରୀତମ ପାଢ଼ୀ ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବ୍ଲକ ଅଧକ୍ଷା ନମିତା ମାଝୀ, ଜିଲ୍ଲା ପରିଷଦ ସଦସ୍ୟ କେ.ମିହିର କୁମାର, ସାଂସଦ ପ୍ରତିନିଧି ବାବୁଲା ବେନିଆଙ୍କ ସହିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ୱାର୍ଡ ସଭ୍ୟ, ଜିଆରଏସ, ନାଲକୋ ଅଧିକାରୀ, ବିଭିନ୍ନ ଅନୁଷ୍ଠାନର କର୍ମଚାରୀ ଉପସ୍ଥିତ ଥିଲେ। ଦାମନଯୋଡି ଆଦର୍ଶ ଥାନା ଅଧିକାରୀ ଗୌରହରି ସାହୁଙ୍କ ନେତୃତ୍ୱରେ ଏସଆଇ ଦୀପକ ପଣ୍ଡା ଓ ପୋଲିସ କର୍ମୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତରୀ ଟିମ୍ ଉପସ୍ଥିତ ଥିଲେ।

ଲକ୍ଷ୍ମୀପୁର ବ୍ଲକ କାକିରିଗୁମାଠାରେ ମଧ ଅହିଂସା ରଥକୁ ସ୍ୱାଗତ କରାଯାଇଥିଲା। କାକିରିଗୁମାଠାରେ ପ୍ରଶାସନ ପକ୍ଷରୁ ବିଡ଼ିଓ ପ୍ରୀତିରଞ୍ଜନ ରଥ, ତହସିଲଦାର ବନବିହାରୀ ଦିଣ୍ଡା, ବ୍ଲକ ଅଧକ୍ଷ ଶୁଆଇ କୁଲେସିକା, ଥାନାଧିକାରୀ ଦାମଦୋର ବିହାରୀ ରଥକୁ ସ୍ୱାଗତ କରିଥିଲେ। ଦନଯୋଡି ଛକଠାରୁ ରଥକୁ ଶୋଭାଯାତ୍ରାରେ ନିଆଯାଇଥିଲା। ତ୍ରିରଙ୍ଗା ପତାକା ସହ ଭାରତ ମାତାକୀ ଜୟଧ୍ୱନିରେ ଅଞ୍ଚଳ ମୁଖରିତ ହୋଇଥିଲା। ଛାତ୍ରୀଛାତ୍ରମାନେ ସ୍ୱାଧୀନତା ସଂଗ୍ରାମୀଙ୍କ ବେଶଧାରଣ କରି ଦେଶପ୍ରେମର ବାର୍ତ୍ତା ପ୍ରଚାର କରିଥିଲେ।

## ମୃତ ଚାଷୀଙ୍କ ଆକାଉଣ୍ଟରେ ଜମା ହେଲା ୧ ଲକ୍ଷ ୪୭ ହଜାର ଟଙ୍କା

ନବରଙ୍ଗପୁର, ୧୭।୯(ବି.ପ୍ର.)

ପାପଡାହାଣ୍ଡି କେସିସି ବ୍ୟାଙ୍କରେ ମୃତ ବ୍ୟକ୍ତିଙ୍କ ନାଁରେ ଉଠାଯାଇଛି ଲକ୍ଷାଧିକ ଟଙ୍କା କେୱାଇସି, ଫୋଟୋ, ଆଧାରଲିଙ୍କ ଚଞ୍ଚକତା କରି ବ୍ୟାଙ୍କ କର୍ମଚାରୀ ଟଙ୍କା ଉଠାଇଥିବା ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ଜିଲାପାଳ କମଳ ଲୋଚନ ମିଶ୍ର ଶୁକ୍ରବାର କୋରାପୁଟ ଜିଲା ଜୟପୁର କେସିସି ବ୍ୟାଙ୍କ ସମ୍ପାଦକଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଏବେ ମୃତ ବ୍ୟକ୍ତିଙ୍କ ଉକ୍ତ ଆକାଉଣ୍ଟରେ ୧ ଲକ୍ଷ ୪୭ ହଜାର ଟଙ୍କା ଜମା ହୋଇଥିବା ଖବର ସାମ୍ନାକୁ ଆସିଛି। ମୃତକଙ୍କ ପରିବାର ମୃତ୍ୟୁ ପ୍ରମାଣ ପତ୍ର, ଆଧାର କାର୍ଡ ଆଦି ବ୍ୟାଙ୍କରେ ଦାଖଲ ପରେ ମଧ ମୃତକଙ୍କ କେସିସି ବ୍ୟାଙ୍କ ଆକାଉଣ୍ଟରେ ଦୁଇଟି ତାରିଖରେ ନଗଦ ଟଙ୍କା ଜମା କିଭଳି ହୋଇଛି ତାହାର ତଦନ୍ତ ଦାବି କରାଯାଇଛି। ପରିବାର ଲୋକଙ୍କ ଅଜାଣତରେ ଆକାଉଣ୍ଟରେ ଟଙ୍କା ଜମା ହୋଇଥିବା ସେମାନେ କହିଛନ୍ତି।

୨୦୨୦ ଅକ୍ଟୋବରରେ ମୃତ ସନସିଂ ମାଝିଙ୍କ କେସିସି ବ୍ୟାଙ୍କ ଆକାଉଣ୍ଟରୁ ତିନୋଟି ସେଲ୍ଫ ଚେକ୍‌ରେ ୧ଲକ୍ଷ ୪୭ ହଜାର ଟଙ୍କା ୨୦୨୨ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଉଠାଇ ଦିଆଯାଇଛି। ବ୍ୟାଙ୍କ ମ୍ୟାନେଜର ଖାତାଧାରୀ ହିଁ ଆସି ଟଙ୍କା ଉଠାଇଥିବା କହିଥିଲେ। ସନସିଂଙ୍କ ପୁଅ ନିକଞ୍ଜ ୧୩ ତାରିଖରେ ବ୍ୟାଙ୍କ କର୍ମଚାରୀ ଚଞ୍ଚକତା କରି ଟଙ୍କା ଉଠାଇଥିବା ଅଭିଯୋଗ କରିଥିଲେ। ତେବେ ମୃତ ସନସିଂଙ୍କ ବ୍ୟାଙ୍କ ଆକାଉଣ୍ଟରେ ଚଳିତ ମାସ ୧୩ରେ ୮୭ ହଜାର ଓ ୧୫ରେ ୬୦ ହଜାର ଟଙ୍କା ଜମା କରାଯାଇଛି। ଜଣେ ମୃତ ବ୍ୟକ୍ତିଙ୍କ ଆକାଉଣ୍ଟରେ ବ୍ୟାଙ୍କ କର୍ମଚାରୀଙ୍କ ଜାଣତରେ ଟଙ୍କା ଜମା କରାଯିବା କାହାର ନିର୍ଦ୍ଦେଶରେ ହୋଇଛି ତାହାର ତଦନ୍ତ କରିବାକୁ ଦାବି ଉଠିଛି। ଘଟଣା ସମ୍ପର୍କରେ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଜୟପୁର କେସିସି ବ୍ୟାଙ୍କ ସମ୍ପାଦକ କୃଷ୍ଣଚନ୍ଦ୍ର ଦାନୀଙ୍କୁ ପଚରିବାରୁ ୩ ଜଣିଆ କମିଟି ନେଇ ତଦନ୍ତ କରାଯିବ। ବ୍ୟାଙ୍କର ନିୟମ ପ୍ରକାରେ ତଦନ୍ତ ହେବ। ଯାହାର ଭୁଲ ଥିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଯୋଗାଣ ସହାୟକ ଅଟକ

### ୪୯୮ କୁଇଣ୍ଟାଲ ପିଡିଏସ ଚାଉଳ ଜବତ ଘଟଣା

ଜୟପୁର/କୁନ୍ଦୁରା, ୧୭।୯(ଡ.ଏନ.ଏ.)

ବିଗତ ୩ ଦିନ ହେଲା କୁନ୍ଦୁରା ବ୍ଲକର ବଣୁଆଗୁଡା ପଞ୍ଚାୟତରେ ୪୯୮ କୁଇଣ୍ଟାଲ ପିଡିଏସ୍ ଚାଉଳ ଗାଏବ ଘଟଣା ଏବେ କୁନ୍ଦୁରା ବ୍ଲକରେ ଚର୍ଚ୍ଚାର ବିଷୟ ହୋଇଛି । ପ୍ରଥମେ ବଣୁଆଗୁଡା ପଞ୍ଚାୟତ କାର୍ଯ୍ୟାଳୟରେପିଡିଏସ୍ ସାମଗ୍ରୀ ବଣ୍ଟନ ନିମନ୍ତେ ଥିବା ଚାଉଳ ଚୋରି ହୋଇଯାଇଥିବ ଯୋଗାଣ ସହାୟକ ଦୈତାରୀ ହରିଜନ ଥାନାରେ ଏତଲା ଦେଇଥିଲେ । ପରେ ପଞ୍ଚାୟତର ପିଇଇ ବିଜ୍ଞାନୀ ମିଶ୍ର ଘଟଣାର ପ୍ରକୃତ ସତ୍ୟାସତ୍ୟ ଲୋକ ଲୋଚନକୁ ଆଣି ସାମଗ୍ରୀର ବାଟମାରଣା ସନ୍ଦେହ କରି କୁନ୍ଦୁରା ଯୋଗାଣ ଅଧିକାରୀ ମୁରଲୀଧର ହେସାଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ମାଗ ଥାନାରେ ୪୯୮ କୁଇଣ୍ଟାଲ ପିଡିଏସ୍ ଚାଉଳ ଗାଏବ ହୋଇଥିବା ନେଇ ପୁଣି ଏକ ଏତଲା ଦେଇଥିଲେ। ବୁଧବାର ବଣୁଆଗୁଡା ପଞ୍ଚାୟତ କାର୍ଯ୍ୟାଳୟରେ କୁନ୍ଦୁରା ବିଡିଓ ସନ୍ଧ୍ୟା ସମରଥ, ଉପଜିଲାପାଳ ବେଦବର ପ୍ରଧାନ, ଥାନା ଅଧିକାରୀ, ଯୋଗାଣ ଅଧିକାରୀ, ପିଇଓ, ଜିଆଏସ୍, ଯୋଗାଣ ସହାୟକ ପହଞ୍ଚିଥିଲେ। ଯୋଗାଣ ସହାୟକ ଦେଇଥିବା ଏତଲାରେ ଚାଉଳ ଚୋରି ହୋଇଥିବା ଦର୍ଶାଇଥିବା ବେଳେ ଚୋରି ହୋଇଥିବା କୌଣସି ସଂକେତ ଦେଖିବାକୁ ମିଳି ନ ଥିଲା। ଏହି ସମୟରେ ପଞ୍ଚାୟତବାସୀ ଗୋଦାମକୁ ଚାଉଳ ଆସି ନ ଥିବା ଏବଂ ବାହାରେ ଚାଉଳ ବାଟମାରଣା ହୋଇଥିବା ଅଭିଯୋଗ କରିଥିଲେ । ସବୁ ଯାଞ୍ଚ କରିବା ସହ ସ୍ଥାନୀୟ ଲୋକଙ୍କ ମନ୍ତବ୍ୟ ଏବଂ ପିଇଓଙ୍କ ଏତଲାକୁ ଆଧାର କରି ପୋଲିସ ଯୋଗାଣ ସହାୟକ ଦୈତାରୀ ହରିଜନଙ୍କୁ ଥାନାକୁ ଆଣି ଅଟକ ରଖି ଘଟଣାର ଖୋଲତାଡ଼ କରୁଛି। ଉପଜିଲାପାଳ ଫେରିଯିବା ପରେ ଜୟପୁରଏସଡିପିଓ ଅରୂପ ଅଭିଷେକ ବେହେରା ଘଟଣାର ତଦାରଖ ପାଇଁ ରାତି ୧୧ଟା ପରେ କୁନ୍ଦୁରା ଥାନାରେ ପହଞ୍ଚି ରାତି୩ଟା ପର୍ଯ୍ୟନ୍ତ ତଦାରଖ କରିଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି। ଶୁକ୍ରବାର ମଧ କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ଓ ଥାନା ରେ ଏହି ଘଟଣାକୁ ନେଇ ଗହଳି ଲାଗିରହିଥିଲା। ମାତ୍ର ଚାଉଳ ଚୋରି ହୋଇଛି କି ବାଟ ମାରଣ ହୋଇଛି ତାହା ସ୍ପଷ୍ଟ ହୋଇପାରି ନ ଥିଲା । ପୋଲିସ ଚାପ ପରେ ଯୋଗାଣ ସହାୟକ ଦୈତାରୀ କେତେକ ଲୋକଙ୍କ ନାଁ କହିଥିଲେ। ସେମାନଙ୍କ ନିକଟରେ ତୃତୀୟ ବ୍ୟକ୍ତିଙ୍କ ମାଧ୍ୟମରେ ଚାଉଳ ଭାଗ ଭାଗ କରି ବିକ୍ରି କରିଥିବା ସେ କହିଥିଲେ।

## ୧୮୦ କେଜି ଗଞ୍ଜେଇ ଜବତ: ଜଣେ ଗିରଫ

କୋରାପୁଟ, ୧୭।୯(ସ୍ୱ.ପ୍ର.)

କୋରାପୁଟ ଅବକାରୀ ବିଭାଗ ଶନିବାର ଭୋରରୁ ଚଢାଉ କରି ୧୮୦ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସଂପୃକ୍ତ ଜଣଙ୍କୁ ଗିରଫ କରାଯିବା ସହ ଏକ ମ୍ୟାକ୍ସ ପିକଅପ ଭ୍ୟାନ ଓ ବାଇକ୍‌କୁ ଜବତ କରିଛି। ଏହି ସମୟରେ ଅନ୍ଧାରର ସୁଯୋଗ ନେଇ ଅନ୍ୟ ଦୁଇ ଜଣ ଗଞ୍ଜେଇ ବ୍ୟବସାୟୀ ଫେରାର ହୋଇଯାଇଛନ୍ତି। ଜବତ ଗଞ୍ଜେଇର ମୂଲ୍ୟ ୧୮ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଅଧୀକ୍ଷକ ମନୋଜ ସେଠୀ କୋରାପୁଟଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି।

କୌଣସି ସୂତ୍ରରୁ ପାଇ ଅଧୀକ୍ଷକ ସେଠୀଙ୍କ ନିର୍ଦ୍ଦେଶରେ ଜୟପୁର ଅବକାରୀ ନୀରିକ୍ଷକ ଡି. ବିଶ୍ୱାଳଙ୍କ ନେତୃତ୍ୱରେ ଏକ ଟିମ ଜୟପୁର କୋରାପୁଟ ଘାଟି ଶିବ ମନ୍ଦିର ନିକଟରେ ଜଗି ରହିଥିଲା। ଏକ ପିକଅପ ଭ୍ୟାନ (ଏପି ୩୧-ଟି ଜି୭୩୭୦) ପମ୍ଚର ଯୋଗୁ ରାସ୍ତାରେ ଅଟକି ରହିଥିବାବେଳେ ନିକଟରେ ଏକ ବାଇକ (ଓଡି୧୦ ଏମ-୫୩୮୧) ରହି ଗାଡିର ପମ୍ଚର ପକାଉଥିଲା। ଏହି ସମୟରେ ଅବକାରୀ ପୋଲିସକୁ ଦେଖି ୨ ଜଣ ଗଞ୍ଜେଇ ବ୍ୟବସାୟୀ ଫେରାର ହୋଇଯାଇଥିଲେ। ସେଠାରୁ ସୁବାଇ ଅଞ୍ଚଳର ଜିତେନ୍ଦ୍ର ପାଙ୍ଗିଙ୍କୁ ଗିରଫ କରାଯାଇଥିଲା। ୯ଟି ବସ୍ତାରେ ଥିବା ଗଞ୍ଜେଇ ଓଜନ କରିବାରୁ ଏହା ୧୮୦ କେଜି ହୋଇଥିଲା। ଫେରାର ହୋଇଥିବା ୨ ବ୍ୟବସାୟୀଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ। ଏପରି ଅଭିଯାନ ଆଗକୁ ଜାରି ରହିବା ସହ ଆସନ୍ତା ମାସରୁ ଗଞ୍ଜେଇ ଗଛ କଟା ଆରମ୍ଭ ହେବ ବୋଲି ଅଧୀକ୍ଷକ ସେଠୀ କହିଛନ୍ତି।

### ଦୁର୍ଗମ ଅଞ୍ଚଳ ବୁଲିଲେ ପ୍ରଶାସନିକ ଅଧିକାରୀ

ଚିତ୍ରକୋଣ୍ଡା, ୧୭।୯(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଥିବା ଦୁର୍ଗମ ଗ୍ରାମ ମଣ୍ଡାପଲ୍ଲୀ, କଡାଉରୁ, କଟେଡ଼ରୁବନ୍ତ ଓ ଜୁମଡାଙ୍ଗ ଗ୍ରାମକୁ ସବ୍‌କଲେକ୍ଟର ଅକ୍ଷୟ ଖେମୁଣ୍ଡୁ, ପିଏ ଆଇଟିଡିଏ ତ୍ରିନାଥ ମାଝି ଗସ୍ତ କରିଛନ୍ତି। ସେମାନଙ୍କ ସହ ଏହି ସମୟରେ ଚିତ୍ରକୋଣ୍ଡା ବିଡିଓ ରଘୁନାଥ ମୁଣ୍ଡାରି, ତହସିଲଦାର ଟି. ପଦ୍ମନାଭ ଦୋରା, ଡିଏସ୍‌ଡବ୍ଲୁଓ ସାଗରିକା ସାହୁ ଥିଲେ। ସରକାରଙ୍କ ଦ୍ୱାରା ଉକ୍ତ ଅଞ୍ଚଳରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ତର୍ଜମା କରିବା ସହ ଜୁମଡାଙ୍ଗ ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ମଣ୍ଡାପଲ୍ଲୀଛକଠାରେ ଏସ୍‌ସି ଏସ୍‌ଟି ସ୍କୁଲ ଓ ହଷ୍ଟେଲ ନିର୍ମାଣ ଲାଗି ପ୍ରସ୍ତାବିତ ଜାଗା ଚିହ୍ନଟ କରିଥିଲେ। ପରେ ଗ୍ରାମବାସୀଙ୍କ ସହ ମିଶି ସରକାରଙ୍କ ବିଭିନ୍ନ ଯୋଜନାରୁ ସୁଫଳ ଠିକ ରୂପେ ସେମାନେ ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ। ମଣ୍ଡାପଲ୍ଲୀ ଓ କଟେଡରୁ ଗ୍ରାମରେ କେତେଜଣ ଯୁବକଙ୍କୁ ଭଲିବଲ ପ୍ରଦାନ କରିଥିଲେ।

## ହଳଦୀକୁଣ୍ଡ ଅଜଣା ରୋଗର କାରଣ ଖୋଜିଲେ ଏମ୍‌ପି, ବିଧାୟକ

ମାଥିଲ, ୧୭।୯ (ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ସାଲିମି ପଞ୍ଚାୟତ ଅନ୍ତର୍ଗତ ହଳଦୀକୁଣ୍ଡ ଗ୍ରାମରେ କିଛିଦିନ ହେବ ଦେଖାଦେଇଥିବା ଅଜଣା ରୋଗରେ ପୀଡିତ୧୨ ଜଣ ଲୋକ ଓ ଜଣେ ଛାତ୍ରଙ୍କ ଜୀବନ ଯାଇଛି। ପ୍ରଶାସନ ପକ୍ଷରୁ ଏହାର ପକୃତ କାରଣ ଖୋଜା ଚାଲି ଥିବା ବେଳେ ଶନିବାର ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଓ ମାଲକାନଗିରି ଜିଲା ପରିଷଦ ଅଧକ୍ଷା ସମାରୁ ତାଙ୍ଗୁର ହଳଦୀ କୁଣ୍ଡ ଗ୍ରାମକୁ ଗସ୍ତ କରି ମୃତ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏହି ଅବସରରେ ସେମାନେ ଗ୍ରାମର ପରିମଳ ଓ ପରିଚ୍ଛନ୍ନତା ଉପରେ ଲୋକଙ୍କ ସହିତ ଆଲୋଚନା କରିଥିଲେ। ମୃତକଙ୍କ ପରିବାର ଲୋକେ କିପରି ରାଜ୍ୟ ସରକାରଙ୍କ ସମସ୍ତ ପ୍ରକାର ସହାୟତା ପାଇପାରିବେ ସେନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇ ସମସ୍ତ ପଦକ୍ଷେପ ନେବେ ବୋଲି ଏମ୍‌ପି ମାଝୀ ମୃତକଙ୍କ ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ମାଓବାଦୀଙ୍କ ଗଡ଼ ଭାବରେ ପରିଚିତ ତୁଲସୀ ପାହାଡ଼ର ଟେମୁରୁପାଲ୍ଲିଠାରେ ଏକ ସଭା ହୋଇଥିଲା। ଅଞ୍ଚଳବାସୀଙ୍କ ପାଖରେ କିପରି ସରକାରଙ୍କ ଜନହିତକର କାର୍ଯ୍ୟ ପହଞ୍ଚିପାରିବ, ସ୍ୱାସ୍ଥ୍ୟ ଶିକ୍ଷା ଓ ଗମନାଗମନର ଉନ୍ନତି ହେବ ଏମ୍‌ପି ଓ ବିଧାୟକ ଆଲୋଚନା କରିଥିଲେ। ଏହି ସମୟରେ ମାଥିଲି ବ୍ଲକ ଅଧକ୍ଷ ମହେଶ ବାକା, ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ମାଥିଲି ଜିଲା ପରିଷଦ ସଭ୍ୟା ସସ୍ମିତା ମାଝୀ, ହୀରଣ୍ୟ ମୁଦୁଲି ,ବରିଷ୍ଠ ବିଜେଡି କର୍ମୀ ଉଦୟ ଚନ୍ଦ୍ର ମାଡ଼ି, ଜଗନ୍ନାଥ ମାଝୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି, ବିଧାୟକ ଓ ଅଞ୍ଚଳବାସୀ।

# ବାଲିଯାତ୍ରାରେ ବୈପାରିଗୁଡ଼ା ମୁଖରିତ

ବୈପାରିଗୁଡ଼ା, ୧୭।୯ (ଡି.ଏନ୍.ଏ.)

କୋରାପୁଟ ଜିଲା ବୈପାରିଗୁଡ଼ାରେ କୃଷିଭିତ୍ତିକ ପର୍ବ ବାଲିଯାତ୍ରା ପାଳିତ ହେଉଛି । ସ୍ଥାନୀୟ ଅଧିଷ୍ଠାତ୍ରୀ ଦେବୀ ମା' ବୀରଖମ୍ଭ ଠାକୁରାଣୀଙ୍କ ପ୍ରତୀକ ସ୍ୱରୂପ ଲାଠି ନଗର ପରିକ୍ରମା କରୁଛି। ପ୍ରତ୍ୟେକଙ୍କ ଘର ସମ୍ମୁଖରେ ପ୍ରତୀକ ଲାଠ ପୂଜାର୍ଚ୍ଚନା ହେଉଛି । ନଗର ପରିକ୍ରମା କରିବା ପରେ ବାଲିକୁଡ଼ିଆଠାରେ ଲାଠି ପହଞ୍ଚିବ । ସେଠାରେ ପୂଜାର୍ଚ୍ଚନା କରି ବାଲିକୁଡ଼ିଆ ଉଜୁଡ଼ାଯିବ। ଗତବର୍ଷ କରୋନା କଟକଣା ଯୋଗୁ ଏହି ପର୍ବ ଫିକା ପଡ଼ିଯାଇଥିଲା। ସରପଞ୍ଚ ସୂର୍ଯ୍ୟମଣି ନାୟକଙ୍କ ତତ୍ତ୍ୱାବଧାନରେ ହେଉଥିବା ଏହି ପର୍ବ ଜମିରେ ଭଲ ଫସଲ ହେବା



ଆଦିବାସୀ ଯୁବତୀମାନେ ଢେମ୍‌ସା ନୃତ୍ୟ କରୁଛନ୍ତି ।

ଆଶାରେ କରାଯାଇଥାଏ। ଗଣେଶ ପୂଜାବାସି ନବମ ଦିନଠାରୁ ଏହି ପର୍ବ ପାଇଁ କୁକୁଡ଼ା ଗାଡ଼ ନାଳରେ ପୂଜା କରାଯାଇ ବାଲି ଉଠାଯାଏ । ସ୍ଥାନୀୟ ଦୁର୍ଗାମନ୍ଦିର ନିକଟରେ ଏକ ଅସ୍ଥାୟୀ କୁଡ଼ିଆ ଘର କରାଯାଇ ସେଠାରେ ଉକ୍ତ ବାଲିକୁ ସ୍ଥାପନ କରାଯାଏ । ଚାଷୀମାନଙ୍କଠାରୁ ବିଭିନ୍ନ ଶସ୍ୟ ବିହନ ସଂଗ୍ରହ କରାଯାଇ ବାଲିରେ ବୁଣାଯାଇ ୯ ଦିନ ଧରି ହଳଦୀ ପାଣି ଛିଞ୍ଚି ପୂଜା କରାଯାଏ । ଅନ୍ତିମ ଦିନରେ ନିକଟସ୍ଥ ଗୁମ୍ମା ଗ୍ରାମରୁ ମା' ବୀରଖମ୍ଭଙ୍କ ପ୍ରତୀକ ସ୍ୱରୂପ ଲାଠି ଏଠାକୁ ଆସେ। ବାଲିଘର ଉଜୁଡ଼ାଯିବା ପରେ ସେଥିରେ ଥିବା ଅଙ୍କୁରିତ ବିହନକୁ ସଂଗ୍ରହ କରାଯାଏ । ଗଜାର ସବଳତା ପରଖି ସେହି ବର୍ଷର ଧାନ ଫସଲର ଆକଳନ କରାଯାଏ । ଅଙ୍କୁରିତ ବିହନକୁ ସ୍ଥାନୀୟ ଭାଷାରେ ବାଲିଫୁଲ କୁହାଯାଏ। ଆଦିବାସୀ ପ୍ରେମିକା ପ୍ରେମିକ ପରସ୍ପରକୁ ବାଲିଫୁଲ ଦେଇ ବାଲିଫୁଲ ସମ୍ବୋଧନ କରିଥାନ୍ତି।

